# D.A.V. PUBLIC SCHOOLS, BHUBANESWAR
## ANNUAL EXAMINATION -2021
## CLASS -VII
## SUBJECT – LOWER ODIA (OBJECTIVE)
**TIME- 40 MINUTES** **Maximum Marks -40**

ସାଧାରଣ ନିର୍ଦ୍ଦେଶାବଳୀ :-

- ପ୍ରଶ୍ନ ପତ୍ରରେ **କ,ଖ** ଏହିପରି **୨ଟି ବିଭାଗ** ଓ ସର୍ବମୋଟ **୪୦ଟି ପ୍ରଶ୍ନ** ଅଛି ।
- ପ୍ରତ୍ୟେକ ପ୍ରଶ୍ନର **୪ଟି ( i ) (ii) (iii) (iv) ବହୁବୈକଳ୍ପିକ ଉତ୍ତର** ପ୍ରଦାନ କରାଯାଇଛି ।
- ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରେ ଚିହ୍ନିତ କର ।
- ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।

**<u>'କ' ବିଭାଗ (୨୫)</u>**

**୧.'ଛଇଳ' ଶବ୍ଦଟିର ଠିକ୍ ଅର୍ଥ କ'ଣ ହେବ ?**

**(i)** ସୁନ୍ଦର
**(ii)** ଅସୁନ୍ଦର
**(iii)** ଛଳଛଳ
**(iv)** କଳକଳ

**୨.'ନିର୍ବିକାର' ଶବ୍ଦଟିର ଠିକ୍ ଅର୍ଥ କ'ଣ ହେବ ?**

**(i)** ବିକାର
**(ii)** ବିକାରଗ୍ରସ୍ତ
**(iii)** ବିକାର ନଥିବା
**(iv)** ସାକାର

**୩.'ଅନୁପ୍ରାଣିତ' ଶବ୍ଦଟିର ଠିକ୍ ଅର୍ଥ କ'ଣ ହେବ ?**

**(i)** ପ୍ରତାରିତ
**(ii)** ପ୍ରଭାବିତ
**(iii)** ପ୍ରଚାରିତ
**(iv)** ପ୍ରକାଶିତ

୪.'ସମିଧ' ଶବ୍ଦଟିର ଠିକ୍ ଅର୍ଥ କ'ଣ ହେବ ?

**(i)** ସମାଧି

**(ii)** ସମାସ

**(iii)** ସମାପ୍ତ

**(iv)** ହୋମକାଠ

**୫. 'ଓଜସ୍ୱିନୀ' ଶବ୍ଦ ବ୍ୟବହୃତ ସାର୍ଥକ ବାକ୍ୟଟିକୁ ବାଛ ।**

**(i)** ଓଜସ୍ୱିନୀ ମାଟିରେ ଲଗାଇବାରୁ ଗଛରେ ଫୁଟିଲା !

**(ii)** ଓଜସ୍ୱିନୀ କିଏ ଚାଲିଚାଲି ଖାଇ ଯାଉଛି ।

**(iii)** ଥାଏ ନେତାମାନଙ୍କର ଦେବାର ଓଜସ୍ୱିନୀ ଦକ୍ଷତା ।

**(iv)** ଆଜି ବିଦ୍ୟାଳୟର ଅଧକ୍ଷା ଓଜସ୍ୱିନୀ ଭାଷଣ ଦେଲେ ।

**୬. 'ଅନୁତାପ' ଶବ୍ଦ ବ୍ୟବହୃତ ସାର୍ଥକ ବାକ୍ୟଟିକୁ ବାଛ ।**

**(i)** ଅନୁତାପ ଦ୍ୱାରା ହିଁ ନିଜକୁ ସଂଶୋଧିତ କରାଯାଇପାରିବ ।

**(ii)** ତୁମ ନାମରେ ଅନୁତାପ ଡାକିଲା ।

**(iii)** ଅନୁତାପ ଉତ୍ତାପକୁ କିଏ ଶୋଇଛି ?

**(iv)** ରାମ ଅନୁତାପ ହୋଇ ।

**୭. 'ଅନୁଷ୍ଠାନ' ଶବ୍ଦ ବ୍ୟବହୃତ ସାର୍ଥକ ବାକ୍ୟଟିକୁ ବାଛ ।**

**(i)** ଆଜି ରାସ୍ତାରେ ଗଲାବେଳେ ଏକ ଅନୁଷ୍ଠାନ ।

**(ii)** ମୁଁ ପ୍ରତିଦିନ ଏକ ଅନୁଷ୍ଠାନ କିଏ ?

**(iii)** ବିବେକାନନ୍ଦ ରାମକୃଷ୍ଣ ମିଶନ ନାମରେ ଏକ ସେବା ଅନୁଷ୍ଠାନ ଗଠନ କରିଥିଲେ ।

**(iv)** ତୁମେ କେତେବେଳେ ଅନୁଷ୍ଠାନକୁ ।

**୮. 'ବୃକ୍ଷଲତା' ଶବ୍ଦ ବ୍ୟବହୃତ ସାର୍ଥକ ବାକ୍ୟଟିକୁ ବାଛ ।**

**(i)** ବୃକ୍ଷଲତା ଯୋଗୁଁ ପରିବେଶ ନଷ୍ଟ ହେଉଛି ।

**(ii)** ବୃକ୍ଷଲତା ମୃତ୍ତିକା ସଂରକ୍ଷଣରେ ସାହାଯ୍ୟ କରନ୍ତି ।

**(iii)** ବୃକ୍ଷଲତା ଏ ମାନବ ଜଗତ ପାଇଁ ଅଭିଶାପ ।

**(iv)** ବର୍ଷାଦିନେ ଝଡ଼ ଯୋଗୁଁ ଅନେକ ବୃକ୍ଷଲତା ।

୯. 'ଗ୍ରୀଷମ' ଶବ୍ଦର ଗଦ୍ୟରୂପ କ'ଣ ହେବ ?

**(i)** ଗ୍ରୀଷ୍ମ

**(ii)** ଗ୍ରିଷ୍ମ

**(iii)** ଗ୍ରିସ୍ମ

**(iv)** ଗୀଷ୍ମ

୧୦. 'ମୂରୁଛନା' ଶବ୍ଦର ଗଦ୍ୟରୂପ କ'ଣ ହେବ ?

**(i)** ମୂର୍ଚ୍ଚନା

**(ii)** ମୂର୍ଚ୍ଛନା

**(iii)** ମୂଛନା

**(iv)** ମୁର୍ଚ୍ଛନା

୧୧. 'ସୂର୍ଯ୍ୟ' ର ପ୍ରତିଶବ୍ଦ ଏଥିମଧ୍ୟରୁ କେଉଁଟି ହେବ ନାହିଁ ?

**(i)** ପ୍ରଭାକର

**(ii)** ଶଶି

**(iii)** ଦିବାକର

**(iv)** ରବି

୧୨. 'ମେଘ' ର ପ୍ରତିଶବ୍ଦ କ'ଣ ହେବ ?

**(i)** ଆକାଶ

**(ii)** ବାୟୁ

**(iii)** ବିଜୁଳି

**(iv)** ଜଳଧର

୧୩. 'ସମୀର' ର ପ୍ରତିଶବ୍ଦ କ'ଣ ହେବ ?

(i) ଜଳ

(ii) ଫଳ

(iii) ସ୍ଥଳ

(iv) ବାୟୁ

୧୪. 'ନିଃସ୍ୱ' ର ପ୍ରତିଶବ୍ଦ କ'ଣ ହେବ ?

**(i)** ଦରିଦ୍ର

**(ii)** ନିଃସ୍ୱାର୍ଥପର

**(iii)** ନିଃଶ୍ୱାସ

**(iv)** ବିଶ୍ୱ

**୧୫. 'ଭିକାରି' ଶବ୍ଦକୁ ସ୍ତ୍ରୀଲିଙ୍ଗରେ ଲେଖିଲେ କ'ଣ ହେବ ?**

**(i)** ଭିକାରିନୀ

**(ii)** ଭିକାଣି

**(iii)** ଭିକାରୀ

**(iv)** ଭିକାରୁଣୀ

**୧୬. 'ମୂଲିଆଣୀ' ଶବ୍ଦକୁ ପୁଂଲିଙ୍ଗରେ ଲେଖିଲେ କ'ଣ ହେବ ?**

**(i)** ମୁଲିଆ

**(ii)** ମୂଲିଆ

**(iii)** ମଲୀଆ

**(iv)** ମୂଲୀଆ

**୧୭. 'ସାହେବ' ଶବ୍ଦକୁ ସ୍ତ୍ରୀଲିଙ୍ଗରେ ଲେଖିଲେ କ'ଣ ହେବ ?**

**(i)** ସାହେବାନୀ

**(ii)** ସାହେବୁଣା

**(iii)** ସାହେବାଣୀ

**(iv)** ସାହେବଣୀ

**୧୮. 'ମହାରାଣୀ' ଶବ୍ଦକୁ ପୁଂଲିଙ୍ଗରେ ଲେଖିଲେ କ'ଣ ହେବ ?**

**(i)** ମହାରାଜା

**(ii)** ମହାମହୀମ

**(iii)** ମହୀପତି

**(iv)** ମହାପ୍ରତାପୀ

**୧୯. ହଲାଇ ଗଛ ପତରରାଶି.....................(ଶୂନ୍ୟସ୍ଥାନ ପୂରଣ ନିମନ୍ତେ ଉପଯୁକ୍ତ ପଦ ବାଛ ।)**

(i) ପବନ ଧୀରେ ପଡ଼ଇ ଖସି ,

(ii) ସମୀର ଧୀରେ ପଡ଼ଇ ଝାସି ,

(iii) ପବନ ସାଥେ ଆସୁଚି ଭାସି,

(iv) ମଧୁର ତାର ମହକ ରାଶି,

୨୦. ମୁନିଋଷିମାନେ ଏ ମାଟିରେ ଜନ୍ମଗ୍ରହଣ କରି ଏହାକୁ ----------- କରିଛନ୍ତି ।

(ଶୂନ୍ୟସ୍ଥାନ ପୂରଣ ନିମନ୍ତେ ଉପଯୁକ୍ତ ପଦ ବାଛ ।)

(i) ସମୃଦ୍ଧି

(ii) ସମୃଦ୍ଧ

(iii) ମୃଦ୍ଧ

(iv) ସମୃଦ୍ଧ

୨୧. 'ଆବିଷ୍କାର' ଶବ୍ଦର ରୂପ ପରିବର୍ତ୍ତନ କଲେ କ'ଣ ହେବ ?

(i) ଆବିଷ୍କୃତ

(ii) ଆବିସ୍କୃତ

(iii) ଆବିକୃତ

(iv) ବିଷ୍କୃତ

୨୨. 'ସଂପ୍ରସାରଣ' ଶବ୍ଦର ରୂପ ପରିବର୍ତ୍ତନ କଲେ କ'ଣ ହେବ ?

(i) ସପ୍ରସାରିତ

(ii) ସଂପ୍ରଶାରୀତ

(iii) ସଂପ୍ରସାରିତ

(iv) ସଂପ୍ରଶାରିତ

୨୩. 'ଗ୍ରହଣ' ଶବ୍ଦର ରୂପ ପରିବର୍ତ୍ତନ କଲେ କ'ଣ ହେବ ?

(i) ଗୁହୀତ

(ii) ଗ୍ରହତ

(iii) ଗ୍ରହ

(iv) ଗୃହୀତ

୨୪. 'ଶିର' ଶବ୍ଦକୁ ଯୋଗକଲେ ଏଥିମଧ୍ୟରୁ କେଉଁଟି ଠିକ୍ ହେବ ?

(i) ସର୍ବଦା

(ii) ମୁଣ୍ଡ

(iii) ଆକାଶ

(iv) ଦୁନିଆଁ

୨୫. 'ଡାକବାଜି' ଶବ୍ଦକୁ ଯୋଗକଲେ ଏଥିମଧ୍ୟରୁ କେଉଁଟି ଠିକ୍ ହେବ ?

(i) ସୁନା

(ii) ଶୃଙ୍ଖଳା

(iii) ଯନ୍ତ୍ର

(iv) ଫୁଲାଇ

## ‘ଖ’ ବିଭାଗ (୧୫)

୨୬. ‘ଗର୍ଜନ୍ତି ଆବୋରିଣ ପାଣି ’ ଏଠାରେ କିଏ ଗର୍ଜିବା କଥା କୁହାଯାଇଛି ?

**(i)** ମେଘ

**(ii)** ବିଜୁଳି

**(iii)** ମଣ୍ଡୂକ

**(iv)** ସିଂହ

୨୭. ‘ବର୍ଷା’ କବିତାଟି ଓଡ଼ିଆ ଭାଗବତର କେଉଁ ଅଧ୍ୟାୟରୁ ଆସିଅଛି ?

**(i)** ଦଶମ

**(ii)** ଏକବିଂଶ

**(iii)** ଦ୍ୱାଦଶ

**(iv)** ବିଂଶ

୨୮. ଖଦ୍ୟୋତ କେତେବେଳେ ଉଡ଼ିବୁଲେ ?

**(i)** ପୂର୍ବାହ୍ଣରେ

**(ii)** ସନ୍ଧ୍ୟାବେଳେ

**(iii)** ମଧ୍ୟାହ୍ନରେ

**(iv)** ରାତିରେ

୨୯. ଜୀବନ ଧାରଣ କରିବା ପାଇଁ କେଉଁ କେଉଁ ଜିନିଷ ଆମର ଅତି ଆବଶ୍ୟକ ?

(i) ଘର , ଗାଡ଼ି, ଟଙ୍କା , ଫଳ

(ii) ଜଳ ,ଫଳ, ଶସ୍ୟ ,ବାୟୁ

(iii) ଫଳ ,ମୂଳ , ଜମି , ଔଷଧ

(iv) ଟଙ୍କା , ବସ୍ତ୍ର , ଗୃହ , ମୋବାଇଲ୍

୩୦. ମଣି କେଉଁଠି ସାଇତା ହୋଇ ରହିଛି ?

**(i)** ଖଣିରେ

**(ii)** ବଣରେ

**(iii)** ସାଗରରେ

**(iv)** ଘରେ

**୩୧. 'ଶରତ-ନଈ-କୂଳେ' କବିତାଟି କବିଙ୍କ ଲିଖିତ କେଉଁ କବିତା ପୁସ୍ତକରୁ ସଂଗୃହୀତ ?**

(i) କୈଶୋରିକା

(ii) ଉତ୍କଳିକା

(iii) ପଶୁପକ୍ଷୀର କାବ୍ୟ

(iv) ଶାମୁକାର ସ୍ୱପ୍ନ

**୩୨. ଶିକାର ପାଇଁ କିଏ ବସିଛି ?**

**(i)** ବାଘ

**(ii)** କୁମ୍ଭୀର

**(iii)** ହଂସ

**(iv)** ବଗ

**୩୩. ଧୂଳି କିଭଳି ଭାବରେ ପୃଥିବୀ ଉପରେ ପଡ଼ିରହିଛି ?**

**(i)** ତେଜହୀନ

**(ii)** ନିର୍ବିକାର

**(iii)** ବିକୃତ

**(iv)** ନିର୍ଭୟ

**୩୪. ସୃଷ୍ଟିର ଆରମ୍ଭ ଦିନରୁ ଧୂଳିକଣା କ'ଣ ଦେଖୁଛି ?**

**(i)** ହିଂସା

**(ii)** ସ୍ନେହ

**(iii)** ସକଳ ଅଭିଯାନ

**(iv)** ମାଆର ମମତା

**୩୫.** "ମହାରାଷ୍ଟ୍ରରେ କ'ଣ ଶିବାଜୀ ପୁନର୍ଜନ୍ମ ଗ୍ରହଣ କଲେ !" ଏକଥା କିଏ କହିଥିଲେ ?

**(i)** ମହାତ୍ମାଗାନ୍ଧି

**(ii)** ଲାଲା ଲାଜପତ ରାୟ

**(iii)** ବାଲ୍‌ଗଙ୍ଗାଧର ତିଲକ

**(iv)** ବଙ୍କିମ ଚନ୍ଦ୍ର ପାଲ୍

**୩୬. ଡାକବାଜି ଯନ୍ତ୍ରରେ ସକାଳୁ କେତେଜଣ ଲୋକ ପ୍ରଚାର କରୁଥିଲେ ?**

**(i)** ଦୁଇଜଣ

**(ii)** ତିନିଜଣ

**(iii)** ଚାରିଜଣ

**(iv)** ପାଞ୍ଚଜଣ

**୩୭. ବିବେକାନନ୍ଦଙ୍କର କ'ଣ ଦେଖି ଲୋକମାନେ ମୁଗ୍ଧ ହୋଇଯାଇଥିଲେ ?**

(i) ଉଜ୍ଜ୍ୱଳ ମୁଖମଣ୍ଡଳ , ଜ୍ଞାନ , ପାଣ୍ଡିତ୍ୟ , ଅସତ୍‌ବ୍ୟବହାର

(ii) ବାଗ୍ମିତା , ପାଣ୍ଡିତ୍ୟ , ଚାଲିଚଳନ , ଆତ୍ମବିଶ୍ୱାସ

(iii) ବାଗ୍ମିତା , ପାଣ୍ଡିତ୍ୟ , ଉଜ୍ଜ୍ୱଳ ମୁଖମଣ୍ଡଳ , ଆତ୍ମବିଶ୍ୱାସ

(iv) ଉଜ୍ଜ୍ୱଳ ମୁଖମଣ୍ଡଳ , ପାଣ୍ଡିତ୍ୟ , ଜ୍ଞାନ , ପାରଦର୍ଶିତା

**୩୮. ଚରକ କେଉଁ ଶାସ୍ତ୍ର ଲେଖି ପ୍ରସିଦ୍ଧି ଲାଭ କରିଛନ୍ତି ?**

(i) ଅଷ୍ଟାଙ୍ଗସଂଗ୍ରହ

(ii) ମନୁସଂହିତା

(iii) ଶୁଶ୍ରୁତସଂହିତା

(iv) ଚରକସଂହିତା

**୩୯. କେଉଁ ନଦୀ କୂଳରେ ଆଲେକ୍‌ଜାଣ୍ଡରଙ୍କ ସୈନ୍ୟ ଶିବିର ଥିଲା ?**

**(i)** ଝେଲମ

**(ii)** ଶତଦ୍ରୁ

**(iii)** ବିତସ୍ତା

**(iv)** ବିପାଶା

**୪୦. ପୁରୁ କାହିଁକି ସ୍ମରଣୀୟ ହୋଇ ରହିବେ ?**

**(i)** କାପୁରଷତା , ଭୀରୁତା , ସ୍ୱାର୍ଥପରତା

**(ii)** ହିଂସା , ଅସହିଷ୍ଣୁ , ବୀରତ୍ୱ

**(iii)** କ୍ରୋଧ , କ୍ଷମା , ପରାଜୟ

**(iv)** ବୀରତ୍ୱ ,ସାହସିକତା , ଦେଶଭକ୍ତି

*****************

**D.A.V. PUBLIC SCHOOLS, BHUBANESWAR**
**ANNUAL EXAMINATION -2021**
**CLASS -VII**
**SUBJECT – LOWER ODIA (SUBJECTIVE)**

**TIME- 1 Hours20 MINUTES** **Maximum Marks -40**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ପ୍ରଶ୍ନ ପତ୍ରରେ **କ,ଖ** ଏହିପରି **୨ଟି ବିଭାଗ** ଓ **୫ଟି ପ୍ରଶ୍ନ** ଅଛି ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିବା ସମୟରେ ଉତ୍ତର ଖାତାରେ ସେହି ପ୍ରଶ୍ନର କ୍ରମିକ ସଂଖ୍ୟା ନିଶ୍ଚୟ ଲେଖ ।
- ପ୍ରତ୍ୟେକ ପ୍ରଶ୍ନକୁ ଧ୍ୟାନପୂର୍ବକ ଅଧ୍ୟୟନ କରି ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।
- ସମସ୍ତ ପ୍ରଶ୍ନର ଉତ୍ତର ଲେଖିବା ବାଧ୍ୟତାମୂଳକ ଅଟେ ।

**‘କ’ ବିଭାଗ (୨୬)**

**୧. ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(୨X୫=୧୦)**

ଭାରତରେ ଆମ ପାଇଁ ଅନ୍ତର୍ଜାତୀୟ ମାତୃଭାଷା ଦିବସର ବିଶେଷ ମହତ୍ତ୍ୱ ରହିଛି ; କାରଣ ସାଂସ୍କୃତିକ ଏବଂ ଭାଷା ବିବିଧତା ଭାରତୀୟ ସଭ୍ୟତାର ମୂଳଦୁଆ ଅଟେ । ଆମର ପ୍ରାଚୀନ ଭୂମି ସର୍ବଦା ଭାଷାଭିତ୍ତିକ ଏବଂ ସାଂସ୍କୃତିକ ବିବିଧତାର ଏକ ଅଙ୍ଗ ହୋଇ ରହିଆସିଛି । ଆମେ ଭୁଲିଯିବା ନାହିଁ ଯେ ମାତୃଭାଷା କେବଳ ଯୋଗାଯୋଗର ପ୍ରାଥମିକ ମାଧ୍ୟମ ନୁହେଁ , ବରଂ ଏହା ଏକ ବ୍ୟକ୍ତି କିମ୍ବା ସାମାଜିକ ଗୋଷ୍ଠୀର ସାଂସ୍କୃତିକ ପରିଚୟ ସହିତ ଅବିଚ୍ଛିନ୍ନ ଭାବେ ସଂପୃକ୍ତ । ତେଣୁ ସମସ୍ତ ସରକାର ଏପରି ନୀତି ପ୍ରସ୍ତୁତ କରିବା ଜରୁରୀ , ଯାହା ମାତୃଭାଷାରେ ଶିକ୍ଷଣକୁ ପ୍ରୋତ୍ସାହିତ କରିବ ଏବଂ ନିର୍ଦ୍ଦେଶାବଳୀଗୁଡ଼ିକ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସହାୟକ ହୋଇପାରିବ । ନଭେମ୍ବର ୧୯୯୯ରେ ୟୁନେସ୍କୋ ଫେବୃଆରୀ ୨୧କୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ଘୋଷଣା କରିଥିଲେ । ମହାତ୍ମା ଗାନ୍ଧୀ ଦୂରଦର୍ଶିତାର ସହ ଚେତାବନୀ ଦେଇ କହିଥିଲେ ଯେ , “ ଯଦି ଇଂରାଜୀ ଶିକ୍ଷିତ ମାତୃଭାଷାକୁ ଉପେକ୍ଷା କରିବେ ଓ ଅଜ୍ଞ ରହିବେ , ଯେପରି ସେମାନେ କରିଛନ୍ତି ଏବଂ ବର୍ତ୍ତମାନ ମଧ୍ୟ ତାହା ଜାରି ରଖିଛନ୍ତି , ତେବେ ଭାଷା ଦୁର୍ଭିକ୍ଷ ଘଟିବ ।”

**ପ୍ରଶ୍ନାବଳୀ :**

**(କ)** ଫେବୃଆରୀ ୨୧କୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ କିଏ କେବେ ଘୋଷଣା କରିଥିଲେ ?

**(ଖ)** ମହାତ୍ମା ଗାନ୍ଧୀ ଦୂରଦର୍ଶିତାର ସହ ଚେତାବନୀ ଦେଇ କ'ଣ କହିଥିଲେ ?

**(ଗ)** ସମସ୍ତ ସରକାର କେଉଁପରି ନୀତି ପ୍ରସ୍ତୁତ କରିବା ଜରୁରୀ ?

**(ଘ)** ଭାରତୀୟ ସଭ୍ୟତାର ମୂଳଦୁଆ କ'ଣ ଅଟେ ?

**(ଙ)** ମାତୃଭାଷା ପ୍ରାଥମିକ ମାଧ୍ୟମ ବ୍ୟତୀତ ଆଉ କାହା ସହିତ ସଂପୃକ୍ତ ?

**୨. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ ।** (୨X୮=୧୬)

**(କ)** ବର୍ଷା ଋତୁକୁ ସକଳ ଋତୁଙ୍କର ସାର ବୋଲି କବି କାହିଁକି କହିଛନ୍ତି ?

**(ଖ)** ଜୀବନ ଧାରଣ କରିବା ପାଇଁ ଜନ୍ମଭୂମି ଆମକୁ କ'ଣ ଦିଏ ?

**(ଗ)** କବି ଶରତ ଋତୁରେ କେଉଁଠାରେ ବସିଥିଲେ ?

**(ଘ)** ବିଶ୍ୱଜୀବଙ୍କ ବିଷୟରେ ଧୂଳି କ'ଣ କହିଛି ?

**(ଙ)** କେଉଁ ଉଦ୍ଦେଶ୍ୟରେ ସଭର୍‌କର୍ ଜାହାଜରୁ ସମୁଦ୍ରକୁ ଡେଇଁ ପଡ଼ିଥିଲେ ?

**(ଚ)** ନାଟକର ନାଁ ଶୁଣି ଲୋକମାନେ କାହିଁକି ଆଶ୍ଚର୍ଯ୍ୟାନ୍ୱିତ ହେଲେ ?

**(ଛ)** ବିବେକାନନ୍ଦ ଶ୍ରୋତାମାନଙ୍କୁ କିପରି ମନ୍ତ୍ରମୁଗ୍‌ଧ କଲେ ?

**(ଜ)** ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ବୃକ୍ଷଲତା କ'ଣ କରନ୍ତି ?

## 'ଖ' ବିଭାଗ (୧୪)

୩. **" ସ୍ୱାସ୍ଥ୍ୟ ହିଁ ସମ୍ପଦ "** ବିଷୟକୁ ଆଧାର କରି ଏକ ଅନୁଚ୍ଛେଦ ଲେଖ । **(୫X୧=୫)**

**୪. ନିମ୍ନଲିଖିତ ପ୍ରଶ୍ନ ଦୁଇଟିର ଉତ୍ତର ସଂକ୍ଷେପରେ ଲେଖ ।** (୩X୨=୬)

**(କ)** କାହାକୁ କବି କୃତଘ୍ନ ଓ ପଶୁର ସମାନ ବୋଲି କହିଛନ୍ତି ?

**(ଖ)** ପଣ୍ଡିତମାନେ ବିବେକାନନ୍ଦଙ୍କୁ ମାନବଜାତିର ଅଳଙ୍କାର ବୋଲି କାହିଁକି କହିଥିଲେ ?

**୫.** " ମୁଁ ପରାଜିତ ହେଲେ ମଧ୍ୟ ଗୋଟିଏ ସ୍ୱାଧୀନ ରାଜ୍ୟର ନରପତି ।" - ଏହି ଉକ୍ତିଟି କିଏ , କାହାକୁ , କେଉଁ ପ୍ରସଙ୍ଗରେ କହିଛି , ଲେଖ । (୩X୧=୩)

*******************